# NATIONAL NEWS BULLETIN (ODIA)
## 18 March - 2026
## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ଭାରତ ଔଦ୍ୟୋଗିକ ବିକାଶ ଯୋଜନାକୁ କେନ୍ଦ୍ର କ୍ୟାବିନେଟ୍‌ର ମଞ୍ଜୁରୀ

– ୩୩ ହଜାର ୬୬୦ କୋଟି ଟଙ୍କା ବ୍ୟୟରେ ବିକଶିତ ହେବ ୧୦୦ଟି ପ୍ଲଗ୍-ଆଣ୍ଡ-ପ୍ଲେ ଶିଳ୍ପ ପାର୍କ

- ପଶ୍ଚିମ ଏସିଆ ସ୍ଥିତି ନେଇ କୁଏତ ଯୁବରାଜଙ୍କ ସହ ଟେଲିଫୋନ୍‌ରେ ବାର୍ତ୍ତାଳାପ କଲେ ପ୍ରଧାନମନ୍ତ୍ରୀ

- ୟୁଏଇରୁ ୮୧ ହଜାର ମେଟ୍ରିକ ଟନ୍ ଅଶୋଧିତ ତୈଳ ନେଇ ମୁନ୍ଦ୍ରା ବନ୍ଦରରେ ପହଁଞ୍ଚିଲା ଜାହାଜ 'ଜଗ୍ ଲଡ୍‌କୀ'

- ଗୁଡ଼ି ପଡ଼ୱା ପର୍ବର ପୂର୍ବ ସନ୍ଧ୍ୟାରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି

ଏବଂ

- ଇରାନ୍‌ର ଗୁଇନ୍ଦା ବିଭାଗ ମନ୍ତ୍ରୀ ଇସମାଇଲ ଖାତିବ୍‌ଙ୍କୁ ହତ୍ୟା କରାଯାଇଥିବା ଇସ୍ରାଏଲର ଦାବି

# କ୍ୟାବିନେଟ୍-ବ୍ରିଫିଂ

କେନ୍ଦ୍ର କ୍ୟାବିନେଟ୍ ଭାରତ ଔଦ୍ୟୋଗିକ ବିକାଶ ଯୋଜନା–ଭବ୍ୟକୁ ୩୩ ହଜାର ୬୬୦ କୋଟି ଟଙ୍କା ଆବଣ୍ଟନ ସହିତ ୧୦୦ଟି ପ୍ଲଗ୍-ଆଣ୍ଡ-ପ୍ଲେ ଶିଳ୍ପ ପାର୍କ ବିକଶିତ କରିବା ପାଇଁ ମଞ୍ଜୁରୀ ପ୍ରଦାନ କରିଛନ୍ତି। କ୍ୟାବିନେଟ୍ ବୈଠକ ପରେ ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସୂଚନା ଦେଇ ସୂଚନା ଏବଂ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ବିଶ୍ୱସ୍ତରୀୟ ଶିଳ୍ପ ଭିତ୍ତିଭୂମି ବିକାଶ କରିବା, ଉତ୍ପାଦନ ସମ୍ଭାବନାକୁ ଉନ୍ମୋଚନ କରିବା ସହିତ ଦେଶର ଅଭିବୃଦ୍ଧିକୁ ଆଗେଇ ନେବା ଏହି ଯୋଜନାର ଲକ୍ଷ୍ୟ ରହିଛି। ସେ କହିଛନ୍ତି, ପ୍ରତି ଏକର ପାଇଁ ୧ କୋଟି ଟଙ୍କା ପର୍ଯ୍ୟନ୍ତ ସହାୟତା ସହିତ ୧୦୦ରୁ ହଜାର ଏକର ବିଶିଷ୍ଟ ଶିଳ୍ପ ପାର୍କ ବିକଶିତ କରାଯିବ।

**VO-**

ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ କୃଷକ କଲ୍ୟାଣକୁ ସୁଦୃଢ଼ କରିବା ଏବଂ ଆତ୍ମନିର୍ଭର ଭାରତର ଦୃଷ୍ଟିକୋଣକୁ ଆଗକୁ ବଢ଼ାଇବା ପାଇଁ କ୍ୟାବିନେଟ୍ ୨୦୨୩-୨୪ କପା ଋତୁ ପାଇଁ ଭାରତୀୟ କପା ନିଗମକୁ ୧

ହଜାର ୭୧୮ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ସର୍ବନିମ୍ନ ସହାୟକ ମୂଲ୍ୟ– ଏମ୍.ଏସ୍.ପି. ପାଣ୍ଠି ମଞ୍ଜୁର କରିଛନ୍ତି। ମନ୍ତ୍ରୀ କହିଛନ୍ତି, ଏହି ପାଣ୍ଠି ଦେଶର କପାଚାଷୀମାନଙ୍କୁ ସିଧାସଳଖ ମୂଲ୍ୟ ସମର୍ଥନ ପ୍ରଦାନ କରିବାର ଲକ୍ଷ୍ୟ ରଖିଛି। ଶ୍ରୀ ବୈଷ୍ଣବ କହିଛନ୍ତି, ଯେତେବେଳେ ବଜାର ମୂଲ୍ୟ ଏମ୍.ଏସ୍.ପି.ଠାରୁ କମ୍ ଥାଏ, ସେତେବେଳେ ଚାଷୀଙ୍କ ସ୍ୱାର୍ଥକୁ ସୁରକ୍ଷା ଦେବା ପାଇଁ ଏମ୍.ଏସ୍.ପି. କାର୍ଯ୍ୟ କରାଯାଏ।

କ୍ୟାବିନେଟ୍ ୨୦୨୬-୨୭ରୁ ୨୦୩୦-୩୧ ଅବଧି ପାଇଁ କ୍ଷୁଦ୍ର ଜଳବିଦ୍ୟୁତ ବିକାଶ ଯୋଜନାକୁ ମଧ୍ୟ ଅନୁମୋଦନ କରିଛନ୍ତି। ପ୍ରାୟ ୧୫ ଶହ ମେଗାୱାଟ୍ କ୍ଷମତା ବିଶିଷ୍ଟ କ୍ଷୁଦ୍ର ଜଳବିଦ୍ୟୁତ୍ ପ୍ରକଳ୍ପ ସ୍ଥାପନ ପାଇଁ ୨ ହଜାର ୫୮୪ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ବ୍ୟୟବରାଦ କରାଯାଇଛି। ଶ୍ରୀ ବୈଷ୍ଣବ କହିଛନ୍ତି, ଏହି ଯୋଜନା ରାଜ୍ୟଗୁଡ଼ିକୁ ଭବିଷ୍ୟତରେ ପ୍ରାୟ ୨୦୦ କ୍ଷୁଦ୍ର ଜଳ ବିଦ୍ୟୁତ ପ୍ରକଳ୍ପ ନିର୍ମାଣ କରିବା ପାଇଁ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ ନିମନ୍ତେ ପ୍ରୋତ୍ସାହିତ କରିବ।

## ପିଏମ୍-କୁଏତ ପ୍ରିନ୍ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି କୁଏତର ଯୁବରାଜ ଶେଖ୍ ସବା ଅଲ ଖାଲେଦ ଅଲ୍-ହମାଦ-ମୁବାରକ ଅଲ-ସବାଙ୍କ ସହ ଟେଲିଫୋନ୍‌ରେ କଥାବାର୍ତ୍ତା କରିଛନ୍ତି ଏବଂ ଆଗାମୀ ଇଦ୍ ପର୍ବର ଶୁଭେଚ୍ଛା ଜଣାଇଛନ୍ତି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ଆଲୋଚନା

ସମୟରେ ଉଭୟ ନେତା ପଶ୍ଚିମ ଏସିଆ ପରିସ୍ଥିତି ଉପରେ ମତବିନିମୟ କରିଛନ୍ତି ଏବଂ ସାମ୍ପ୍ରତିକ ଘଟଣାବଳୀ ଉପରେ ଚିନ୍ତାପ୍ରକଟ କରିଛନ୍ତି। ହର୍ମୁଜ ପ୍ରଣାଳୀରେ ନିରାପଦ ଏବଂ ମୁକ୍ତ ନୌଚାଳନା ସୁନିଶ୍ଚିତ କରିବା ନେଇ ଉଭୟ ନେତା  ଗୁରୁତ୍ୱାରୋପ କରିଛନ୍ତି।

## ମିନିଷ୍ଟେରିଆଲ ବ୍ରିଫିଂ

ଦେଶରେ ଅଶୋଧିତ ତୈଳ ଉପଲବ୍ଧତା ସ୍ୱାଭାବିକ ରହିବା ସହ ବିଶୋଧନାଗାରଗୁଡ଼ିକ ସର୍ବାଧିକ କ୍ଷମତାରେ କାର୍ଯ୍ୟ କରୁଛନ୍ତି। ପଶ୍ଚିମ ଏସିଆର ସାମ୍ପ୍ରତିକ ପରିସ୍ଥିତି ଉପରେ ନୂଆଦିଲ୍ଲୀରେ ଅନୁଷ୍ଠିତ ଏକ ଆନ୍ତଃ ମନ୍ତ୍ରଣାଳୟ ସାମ୍ବାଦିକ ସମ୍ମିଳନୀକୁ ସୂଚନା ଦେଇ ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟର ଯୁଗ୍ମ ସଚିବ ସୁଜାତା ଶର୍ମା ଏହା କହିଛନ୍ତି। ସେ କହିଛନ୍ତି, ଘରୋଇ ଏଲ୍.ପି.ଜି. ଉତ୍ପାଦନ ୪୦ ପ୍ରତିଶତ ବୃଦ୍ଧି ପାଇଛି ଓ ଦେଶର ଖୁଚୁରା ଦୋକାନଗୁଡ଼ିକରେ ପର୍ଯ୍ୟାପ୍ତ ପରିମାଣର ଏଲ୍.ପି.ଜି. ମହଜୁଦ ରହିଛି ବୋଲି ଯୁଗ୍ମ ସଚିବ କହିଛନ୍ତି।

ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରଣାଳୟର ସ୍ୱତନ୍ତ୍ର ସଚିବ ରାଜେଶ କୁମାର ସିହ୍ନା କହିଛନ୍ତି, ସମସ୍ତ ଭାରତୀୟ ଜାହାଜ ସୁରକ୍ଷିତ ଅଛି। କୌଣସି ଅଘଟଣ ଘଟିଥିବା ସଂକ୍ରାନ୍ତ ରିପୋର୍ଟ ନାହିଁ। ଗତ

୨୪ ଘଣ୍ଟା ମଧ୍ୟରେ ବିଭିନ୍ନ ବନ୍ଦରରୁ ୨୫ ଜଣ ଭାରତୀୟ ନାଗରିକଙ୍କୁ ସ୍ୱଦେଶ ଫେରାଇ ଅଣାଯାଇଛି।

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତକାଲି  ପଶ୍ଚିମ ଏସିଆ ପରିସ୍ଥିତି ନେଇ ସଂଯୁକ୍ତ ଆରବ ଏମିରେଟ୍ସ – ୟୁ.ଏ.ଇ. ରାଷ୍ଟ୍ରପତି ଶେଖ୍ ମହମ୍ମଦବିନ୍ ଜାଏଦ୍ ଅଲ୍ ନାହ୍ୟାନଙ୍କ ସହ କଥା ହୋଇଛନ୍ତି। ଏହି ଅବସରରେ ଶ୍ରୀ ମୋଦୀ’ ୟୁ.ଏ.ଇ. ଉପରେ ହୋଇଥିବା ଆକ୍ରମଣର କଡ଼ା ନିନ୍ଦା କରିଛନ୍ତି।

## କମର୍ସିଆଲ ଏଲ୍‌ପିଜି ରିଫର୍ମ

ପଶ୍ଚିମ ଏସିଆ ପରିସ୍ଥିତିକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ରାଜ୍ୟଗୁଡ଼ିକରେ ବ୍ୟବସାୟିକ ଏଲ୍.ପି.ଜି.ର ଆବଣ୍ଟନକୁ ୨୦ ପ୍ରତିଶତରୁ ୩୦ ପ୍ରତିଶତକୁ ବୃଦ୍ଧି କରିବାକୁ ଆହ୍ୱାନ ଦେଇଛନ୍ତି। ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ଶାସନ ସଚିବଙ୍କୁ ଲେଖିଥିବା ଚିଠିରେ ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟର ସଚିବ ନୀରଜ ମିତ୍ତଲ କହିଛନ୍ତି, ଏହି ପର୍ଯ୍ୟାୟରେ ଏହି ପଦକ୍ଷେପ ଏଲ୍.ପି.ଜି.ରୁ ପି.ଏନ୍.ଜି.କୁ ଦୀର୍ଘମିଆଦି ପରିବର୍ତ୍ତନରେ ସାହାଯ୍ୟ କରିବ। ଦୀର୍ଘକାଳୀନ ଭାବେ ଏଲ୍.ପି.ଜି. ବ୍ୟବହାର ହ୍ରାସ କରିବା,  ପି.ଏନ୍.ଜି. ବ୍ୟବହାର ବୃଦ୍ଧି କରିବା ଏବଂ ବ୍ୟବସାୟିକ ଏଲ୍.ପି.ଜି. ଆବଣ୍ଟନରେ ୧୦ ପ୍ରତିଶତ ବୃଦ୍ଧି ପାଇଁ

ଯୋଗ୍ୟତା ସୁନିଶ୍ଚିତ କରିବା ପାଇଁ ସଚିବ ବିଭିନ୍ନ ସଂସ୍କାର ପାଇଁ ଆହ୍ୱାନ କରିଛନ୍ତି।

## ଗୁଜୁରାଟ– ଜଗ ଲଡ୍‌କି ଆରାଇଭ୍‌ଡ

ଭାରତୀୟ ତୈଳବାହୀ ଜାହାଜ 'ଜଗ୍ ଲଡ୍‌କୀ' ଆଜି ଗୁଜୁରାଟର ମୁନ୍ଦ୍ରା ବନ୍ଦରରେ ପହଁଞ୍ଚିଛି। ଏହି ଜାହାଜଟି ସଂଯୁକ୍ତ ଆରବ ଏମିରେଟ୍ସରୁ ପ୍ରାୟ ୮୧ ହଜାର ମେଟ୍ରିକ ଟନ୍ ଉଚ୍ଚ ଗୁଣବତ୍ତା ବିଶିଷ୍ଟ ଅଶୋଧିତ ତୈଳବହନ କରି ଆଣିଛି। ଏହା ପୂର୍ବରୁ ମୁଦ୍ରା ବନ୍ଦରରେ ଶିବାଲିକ୍ ଏବଂ ଓ୍ୱାଡ଼ିନାର ବନ୍ଦରରେ ନନ୍ଦାଦେବୀ ଜାହାଜ ପହଁଞ୍ଚିଥିଲା। ବନ୍ଦର କର୍ତ୍ତୃପକ୍ଷ ବିଶୋଧନାଗାରଗୁଡ଼ିକୁ ଅଶୋଧିତ ତୈଳ ବଣ୍ଟନ ସହଜ କରିବା ପାଇଁ ଜାହାଜରୁ ଅଶୋଧିତ ତୈଳ ଖାଲି କରିବା ପ୍ରକ୍ରିୟା ସୁନିଶ୍ଚିତ କରିଛନ୍ତି।

## ପ୍ରେଜ୍-ଗୁଡ଼ିପଡ଼ଓ୍ୱା

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଚୈତ୍ର ଶୁକ୍ଲାଦି, ଉଗାଦି, ଗୁଡ଼ି ପଡ଼ଓ୍ୱା, ଚେଟି ଚାନ୍ଦ, ନବରୋଜ ଏବଂ ସାଜିବୁ ଚେଇରାଓ୍ୱବା'ର ପୂର୍ବ ସନ୍ଧ୍ୟାରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହି ପର୍ବଗୁଡ଼ିକ ପ୍ରେମ ଏବଂ ସଦ୍‌ଭାବନା ମାଧ୍ୟମରେ ଭାରତର ବିଭିନ୍ନ ସମ୍ପ୍ରଦାୟ ମଧ୍ୟରେ ଏକତା ବୃଦ୍ଧି କରୁ ଏବଂ ନାଗରିକମାନଙ୍କ ପାଇଁ ସୁଖ, ସମୃଦ୍ଧି ଏବଂ କଲ୍ୟାଣ ଆଣିଦେଉ ବୋଲି ରାଷ୍ଟ୍ରପତି ତାଙ୍କ ବାର୍ତ୍ତାରେ କହିଛନ୍ତି।

## ଭିପି- ଇନ୍ଦୋର ଫାୟାର ଇନସିଡେଣ୍ଟ

ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ ଆଜି ଦିଲ୍ଲୀର ପାଲାମ ଏବଂ ମଧ୍ୟପ୍ରଦେଶର ଇନ୍ଦୋରରେ ଅଗ୍ନିକାଜନିତ ଦୁର୍ଘଟଣାରେ ପ୍ରାଣହାନୀ ପାଇଁ ଦୁଃଖପ୍ରକାଶ କରିଛନ୍ତି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ରାଧାକ୍ରିଷ୍ଣନ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇବା ସହ ଆହତମାନଙ୍କ ଆଶୁଆରୋଗ୍ୟ କାମନା କରିଛନ୍ତି।

ସୂଚନାଯୋଗ୍ୟ, ଦିଲ୍ଲୀ ଓ ଇନ୍ଦୋର ଅଗ୍ନିକାଣ୍ଡରେ ୧୪ ଜଣଙ୍କ ମୃତ୍ୟୁ ଘଟିଛି।

## ପିଏମ୍ ଦିଲ୍ଲୀ-ଇନ୍ଦୋର ଇନ୍‌ସିଡେଣ୍ଟ

ଦିଲ୍ଲୀର ପାଲମରେ ଅଗ୍ନିକାଣ୍ଡ ଦୁର୍ଘଟଣା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୁଃଖ ପ୍ରକାଶ କରିଛନ୍ତି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ ମୃତକଙ୍କ ପରିବାରଙ୍କ ପ୍ରତି ସମବେଦନା ଜଣାଇବା ସହ ଆହତଙ୍କ ଆଶୁଆରୋଗ୍ୟ କାମନା କରିଛନ୍ତି। ଇନ୍ଦୋର ଅଗ୍ନିକାଣ୍ଡ ଘଟଣାରେ ପ୍ରାଣହାନୀ ପାଇଁ ମଧ୍ୟ ପ୍ରଧାନମନ୍ତ୍ରୀ ଶୋକପ୍ରକାଶ କରିଛନ୍ତି। ପ୍ରତ୍ୟେକଙ୍କ ମୃତକଙ୍କ ନିକଟତମ ଆତ୍ମୀୟଙ୍କ ପାଇଁ ପ୍ରଧାନମନ୍ତ୍ରୀ ଜାତୀୟ ରିଲିଫ ପାଣ୍ଠିରୁ ୨ ଲକ୍ଷ ଟଙ୍କା ଏବଂ  ଉଭୟ ଘଟଣାର ଆହତଙ୍କ ପାଇଁ ୫୦ ହଜାର ଟଙ୍କା ଅନୁକମ୍ପା ରାଶି ଘୋଷଣା କରିଛନ୍ତି।

## ଡବ୍ଲ୍ୟୁବି-ଇସିଆଇ ଇସୁସ୍

ନିର୍ବାଚନ ଆୟୋଗ ଆଜି ପଶ୍ଚିମବଙ୍ଗରେ ପ୍ରଶାସନିକ ଏବଂ ପୁଲିସ ଅଧିକାରୀଙ୍କ ଏକ ବଡ଼ଧରଣର ଅଦଳବଦଳ କରିଛନ୍ତି। ଆୟୋଗ ୧୧ ଜଣ ଜିଲ୍ଲା ମାଜିଷ୍ଟ୍ରେଟଙ୍କୁ ହଟାଇ ଦେଇଛନ୍ତି। କୁଚ୍ ବିହାର, ଜଳପାଇଗୁଡ଼ି, ମାଲଦା, ମୁର୍ଶିଦାବାଦ, ନଦିଆ, ଉତ୍ତର ଏବଂ ଦକ୍ଷିଣ ୨୪ ପ୍ରଗଣା ଜିଲ୍ଲାଗୁଡ଼ିକର ଅଧିକାରୀମାନଙ୍କୁ ଆୟୋଗ ବଦଳି କରିଛନ୍ତି।  ପୂର୍ବରୁ ୫ ଜଣ ଡି.ଆଇ.ଜି. ପାହ୍ୟାର ଅଧିକାରୀଙ୍କୁ ମଧ ହଟାଇ ଦିଆଯାଇଥିଲା। ନିର୍ବାଚନ ପ୍ରକ୍ରିୟା ଶେଷ ନହେବା ପର୍ଯ୍ୟନ୍ତ ସମ୍ପୃକ୍ତ ଅଧିକାରୀମାନଙ୍କୁ କୌଣସି ନିର୍ବାଚନ ସମ୍ବନ୍ଧୀୟ ଦାୟିତ୍ୱ ଦିଆଯିବ ନାହିଁ ବୋଲି ଆୟୋଗ ତାଙ୍କ ନିର୍ଦ୍ଦେଶରେ ସ୍ପଷ୍ଟ କରିଛନ୍ତି।

## ଇସ୍ରାଏଲ– ଇସମାଇଲ ଖାତିବ୍

ଇରାନ୍‌ର ଗୁଇନ୍ଦା ବିଭାଗ ମନ୍ତ୍ରୀ ଇସ୍‌ମାଇଲ ଖାତିବଙ୍କୁ ଇସ୍ରାଏଲ ସେନା ହତ୍ୟା କରିଛି ବୋଲି ଇସ୍ରାଏଲ ପ୍ରତିରକ୍ଷା ମନ୍ତ୍ରୀ ଇସ୍ରାଏଲ କାଟ୍‌ଜ ଦାବି କରିଛନ୍ତି। ଅଧିକ ବିବରଣୀ ପ୍ରଦାନ ନ କରି ସବୁ ଦିଗରୁ ଆକ୍ରମଣ ହେବାର ଆଶା କରାଯାଉଛି ବୋଲି ଶ୍ରୀ କାଟ୍‌ଜ କହିଛନ୍ତି। ଇସ୍ରାଏଲର ଶୀର୍ଷ ସୁରକ୍ଷା ଅଧିକାରୀ ଅଲ୍ଲୀ ଲାରିଜାନି ଏବଂ ବାସିଜ ଅର୍ଦ୍ଧସାମରିକ ବାହିନୀ କମାଣ୍ଡର ଘୋଲାମରେଜା ସୋଲେମାନିଙ୍କୁ ଟାର୍ଗେଟ କରିବା ପରେ ଖାତିମଙ୍କ ହତ୍ୟା ରିପୋର୍ଟ ଆସିଛି।

# ବ୍ୟାଡମିଣ୍ଟନ-ଅରଲିନ୍ସ ମାଷ୍ଟର୍ସ

ଅରଲିନ୍ସ ମାଷ୍ଟର୍ସ ବ୍ୟାଡମିଣ୍ଟନରେ ଆୟୁଷ ସେଟ୍ଟି ପୁରୁଷ ସିଙ୍ଗିଲ୍‌ସରେ ଷୋଡ଼ଶ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି। ସେ ଫ୍ରାନ୍ସର ପାଲାଇସ୍ ଡେସ୍ ଡେସ୍କ ସ୍ପୋର୍ଟସରେ ଅନୁଷ୍ଠିତ ୩୨ତମ ରାଉଣ୍ଡ ମ୍ୟାଚ୍‌ରେ ସ୍ୱଦେଶ ଖେଳାଳିଙ୍କୁ ପରାସ୍ତ କରିଛନ୍ତି। ଅନ୍ୟ ଏକ ୩୨ତମ ରାଉଣ୍ଡ ମ୍ୟାଚ୍‌ରେ କିଦାମ୍ବି ଶ୍ରୀକାନ୍ତ ଡେନ୍‌ମାର୍କର ମ୍ୟାଗନସ୍ ଜୋହାନ୍ସସେନ୍‌ଙ୍କଠାରୁ ପରାସ୍ତ ହୋଇଛନ୍ତି। ପୁରୁଷ ଡବଲ୍ସରେ ଭାରତର ଅର୍ଜୁନ ମାଦାଥିଲ ରାମଚନ୍ଦ୍ରନ୍ ଏବଂ ହରିହରନ୍ ଆମସାକାରୁନାନ୍ ମଧ୍ୟ ଷୋଡ଼ଶ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି। ମହିଳା ସିଙ୍ଗିଲ୍‌ସରେ ଆକର୍ଷି କାଶ୍ୟପ ଆଜି ସନ୍ଧ୍ୟାରେ ୩୨ତମ ରାଉଣ୍ଡ ମ୍ୟାଚ୍‌ରେ ସିଙ୍ଗାପୁରର ୟେୟୋ ଜିଆ ମିନ୍‌ଙ୍କୁ ଭେଟିବେ। ଅନ୍ୟପକ୍ଷରେ ମାଳବିକା ବଂଶୋଡ଼, ଅନମୋଲ ଖାରବ୍ ଏବଂ ତନ୍‌ଭି ଶର୍ମା ମଧ୍ୟ ଟୁର୍ଣ୍ଣାମେଣ୍ଟରେ ଆଜି ସେମାନଙ୍କ ଅଭିଯାନ ଆରମ୍ଭ କରୁଛନ୍ତି।